# NATIONAL NEWS BULLETIN (ODIA)
## 24th January - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ୭୬ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ।
- ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ ।
- ବାୟୋମେଟ୍ରିକ୍ ପଦ୍ଧତି ମତଦାନ ଆଗାମୀ ଦିନର ସମ୍ଭାବନା; କହିଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ ।
- ଧାର୍ମିକ ସ୍ଥଳୀ ଥିବା ମଧ୍ୟପ୍ରଦେଶର ୧୭ଟି ସହରରେ ନିଷିଦ୍ଧ ହେବ ମଦ ବିକ୍ରି ।

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ମହିଳା ବର୍ଗରେ ରାଞ୍ଚିଠାରେ ସୁର୍‌ମା ହକି କ୍ଲବ୍ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ଜାରି ।

## ପ୍ରେଜ୍ ଆଡ୍ରେସ୍ ଟୁ ନେସନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୬ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଓ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍ ମାଧ୍ୟମରେ ସନ୍ଧ୍ୟା ୭ଟାରେ ପ୍ରଥମେ ହିନ୍ଦୀ ଓ ପରେ ଇଂରାଜୀ ଭାଷାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରିତ ହେବ । ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀର ସମସ୍ତ ଆଞ୍ଚଳିକ ନେଟ୍‌ୱାର୍କରେ ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ ।

## ଇଣ୍ଡୋନେସିଆ ପ୍ରେଜ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପାର୍ବୋ ସୁବ୍ୟାନ୍ତୋଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଆସନ୍ତା ସାଧାରଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଣ୍ଡୋନେସିଆର ରାଷ୍ଟ୍ରପତି ଯୋଗ ଦେଉଥିବା ଉଭୟ ଦେଶର ଘନିଷ୍ଠ

ବନ୍ଧୁତ୍ୱର ଏକ ନିଦର୍ଶନ । ଦୁଇଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କର ବିକାଶରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଶ୍ରୀ ପାର୍ବୋଙ୍କ ଭୂମିକାର ଡକ୍ଟର ଜୟଶଙ୍କର ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ, ୭୬ତମ ସାଧାରରତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଇଣ୍ଡୋନେସିଆର ରାଷ୍ଟ୍ରପତି ଚାରିଦିନିଆ ଭାରତ ଗସ୍ତରେ ଆସି ଗତକାଲି ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଶ୍ରୀ ପାର୍ବୋ ତାଙ୍କର ଭାରତ ଗସ୍ତ କାଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଗତବର୍ଷ ଅକ୍ଟୋବରରେ ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ରାଷ୍ଟ୍ରପତି ଶ୍ରୀ ପାର୍ବୋଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଘନିଷ୍ଠ କରିବ ବୋଲି ଆଶା କରାଯାଉଛି ।

## ସେକ୍ରେଟାରୀ - ରିଭ୍ୟୁ

ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଆସନ୍ତା ୭୬ତମ ସାଧାରଣତନ୍ତ୍ର ଦିବସର ସିଧା ପ୍ରସାରଣ ପାଇଁ ଆକାଶବାଣୀ ଓ ଦୂରଦର୍ଶନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛନ୍ତି । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱାର୍କ ଓ ୱେଭ୍ସ

ଓ.ଟି.ଟି. ପ୍ଲାଟ୍‌ଫର୍ମ ମାଧ୍ୟମରେ ସାଧାରଣତନ୍ତ୍ର ଦିବସର ସମ୍ପୂର୍ଣ୍ଣ ସିଧାସଳଖ ପ୍ରସାରଣ କରାଯିବ । ଆକାଶବାଣୀ ଓ ଦୂରଦର୍ଶନର ପ୍ରସ୍ତୁତିର ସମୀକ୍ଷା କରିବାପାଇଁ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଯାଜୁ ଆଜି କର୍ତ୍ତବ୍ୟପଥ ପରିଦର୍ଶନ କରିଥିଲେ । ସିଧା ପ୍ରସାରଣପାଇଁ ଆକାଶବାଣୀ ଓ ଦୂରଦର୍ଶନ ଟିମ୍ ପକ୍ଷରୁ କରାଯାଇଥିବା ଆୟୋଜନକୁ ଶ୍ରୀ ଯାଜୁ ପ୍ରଶଂସା କରିଛନ୍ତି । ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି, କର୍ତ୍ତବ୍ୟ ପଥରେ ପୂର୍ବ ବର୍ଷ ତୁଳନାରେ ୮ ଗୁଣ ଅଧିକ କ୍ଷମତାସମ୍ପନ୍ନ ୪ଟି କ୍ୟାମେରା ଖଞ୍ଜାଯାଇଛି ।

## ସି.ଇ.ସି. - ଇ.ସି.ଆଇ. କନ୍‌ଫରେନ୍ସ

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଛନ୍ତି, ବାୟୋମେଟ୍ରିକ୍ ପଦ୍ଧତି ମତଦାନ ଆଗାମୀ ଦିନର ସମ୍ଭାବନା । ଏହା ମାଧ୍ୟମରେ ଏକାଧିକ ଥର ଭୋଟ୍ ଦେବା ଓ ଜଣକ ନାମରେ ଆଉ ଜଣେ ଭୋଟ୍ ଦେବା ସମ୍ଭବ ନୁହେଁ । ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ସମ୍ମିଳନୀରେ ଦ୍ୱିତୀୟ ଦିନରେ ସେ ଉଦ୍‌ବୋଧନ ଦେଇ କହିଛନ୍ତି, ଭାରତରେ ମତଦାନ କ୍ଷେତ୍ରରେ ବାୟୋମେଟ୍ରିକ୍ ପଦ୍ଧତିର ଉପଯୋଗ ପାଇଁ ପ୍ରକ୍ରିୟା ଜାରି ରହିଛି । ଏହାଦ୍ୱାରା ଭିନ୍ନକ୍ଷମ, ବୟସ୍କ ଓ ବିଦେଶରେ ରହିଥିବା ଭାରତୀୟମାନେ ମଧ୍ୟ ମତଦାନ କରିପାରିବେ । ସମ୍ମିଳନୀର ଦ୍ୱିତୀୟ ଦିନରେ

ନିର୍ବାଚନ ପରିଚାଳନା ପ୍ରଶାସକମାନେ ଆଜି ଇ.ଭି.ଏମ୍. ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିବା ସେ କହିଛନ୍ତି । ମତଦାନ ବ୍ୟବସ୍ଥାକୁ ତ୍ୱରିତ ଓ ନିର୍ଭୁଲ୍ କରିବାରେ ଇ.ଭି.ଏମ୍. ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଶ୍ରୀ କୁମାର କହିଛନ୍ତି । ଏହି ସମ୍ମିଳନୀରେ ୧୩ଟି ଦେଶ ଓ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକରୁ ୩୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି ।

## ପି.ଏମ୍. - ର୍କରୁରୀ ଠାକୁର

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ କର୍ପୁରୀ ଠାକୁରଙ୍କ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଶ୍ରୀ ଧନ୍‌ଖଡ୍ ସ୍ୱର୍ଗତ ଠାକୁରଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ବୋଲି ଅବତାରଣା କରିଛନ୍ତି । ସେ ମାତୃଭାଷାରେ ଶିକ୍ଷାଦାନ, ଭିନ୍ନଜାତିରେ ବିବାହ ଓ ସଂରକ୍ଷଣ ବ୍ୟବସ୍ଥା ଭଳି ପଦକ୍ଷେପ ଗ୍ରହଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ଠାକୁର ସାମାଜିକ ନ୍ୟାୟ ଏବଂ ଜନମଙ୍ଗଳ ପାଇଁ ସାରା ଜୀବନ ଉତ୍ସର୍ଗ କରିଥିଲେ ତାଙ୍କ ଆଦର୍ଶ ଆଗାମୀ ପୀଢ଼ିକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଏମ୍.ପି. - ଲିକୋର୍ ବ୍ୟାନ୍

ମଧ୍ୟ ପ୍ରଦେଶ ସରକାର ରାଜ୍ୟର ଧାର୍ମିକ ସ୍ଥଳୀ ଥିବା ୧୭ଟି ସହରରେ ମଦ ବିକ୍ରିକୁ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଖରଗୋନ୍ ଜିଲ୍ଲାର ଲୋକମାତା ଅହଲ୍ୟାବାଇ ପବିତ୍ର ସହର ଭାବେ ପରିଚିତ ମାହେଶ୍ୱରରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ଏପ୍ରିଲ୍ ପହିଲାରୁ ସମ୍ପୃକ୍ତ ୧୭ଟି ସହରର ୪୭ଟି ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେହି ୧୭ଟି ସହର ମଧ୍ୟରେ ଉଜ୍ଜୟିନୀ, ମଇହାର, ଓଁକାରେଶ୍ୱର, ମାହେଶ୍ୱର, ଚିତ୍ରକୂଟ, ଅମରକଣ୍ଟକ ଭଳି ସହର ରହିଛି ।

# କନ୍ୟାସନ୍ତାନ ଦିବସ

ସମାଜରେ କନ୍ୟା ସନ୍ତାନଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ସାରା ଦେଶରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଉଛି । ଏହି ଦିବସ ପ୍ରତ୍ୟେକ କନ୍ୟା ସନ୍ତାନଙ୍କୁ ସମ୍ମାନର ସହିତ ଲାଳନପାଳନ, ଶିକ୍ଷାଦାନ ଏବଂ ସାମଗ୍ରିକ ବିକାଶ ପାଇଁ

ସମାନ ସୁଯୋଗ ପାଇବାର ଗୁରୁତ୍ୱକୁ ସ୍ମରଣ କରାଇଥାଏ । ଏହି ଦିନଟିରେ ମଧ୍ୟ ୨୦୧୫ ଜାନୁଆରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନାର ବାର୍ଷିକୀ ମଧ୍ୟ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟା ମାନଙ୍କୁ ସଶକ୍ତ କରିବା' । ସମାଜରେ ଝିଅମାନଙ୍କ ଭୂମିକାକୁ ସ୍ୱୀକାର କରି ସେମାନଙ୍କୁ ନେତୃତ୍ୱ ନେବା ଏବଂ ଭବିଷ୍ୟତ ଗଠନ ପାଇଁ ସମାନ ସୁଯୋଗ ପ୍ରଦାନ କରିବାର ଆବଶ୍ୟକତାକୁ ଏହି ବାର୍ତ୍ତା ଗୁରୁତ୍ୱ ଦେଉଛି ।

## ହରଦୀପ ପୁରି - ଆଇ.ଇ.ଡବ୍ଲ୍ୟୁ.

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରି' ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଶକ୍ତି ସମ୍ମିଳନୀ 'ଭାରତ ଶକ୍ତି ସପ୍ତାହ-୨୦୨୫' ନୂଆଦିଲ୍ଲୀର ଯଶୋଭୂମିରେ ଆୟୋଜିତ ହେବ ବୋଲି କହିଛନ୍ତି । ଫେବୃୟାରୀ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଏକ ଲକ୍ଷ ବର୍ଗ ମିଟର ପରିମିତ ଅଞ୍ଚଳରେ ଆୟୋଜିତ ହେବ । ଶକ୍ତିକ୍ଷେତ୍ରର ବିଭିନ୍ନ ଅଂଶୀଦାର ଏହି ସମ୍ମିଳନୀରେ ଯୋଗଦେବେ । ମୁମ୍ବାଇରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୁରି କହିଛନ୍ତି, ଏହି ସମ୍ମିଳନୀରେ ରନ୍ଧନପାଇଁ ସ୍ୱଚ୍ଛ ଇନ୍ଧନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ । ସମ୍ମିଳନୀରେ ୭୦ ହଜାର

ପ୍ରତିନିଧି ଯୋଗଦେବାକୁ ଥିବାବେଳେ ୧୦୫ଟି ଅଧିବେଶନରେ ୫୦୦ ଜଣ ବକ୍ତା ଅଭିଭାଷଣ ପ୍ରଦାନ କରିବେ । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ରୁଷ୍, ଜାପାନ, ଜର୍ମାନୀ ଓ ନେଦରଲାଣ୍ଡ ଭଳି ୧୦ଟି ଦେଶର ମଣ୍ଡପ ଏହି ସମ୍ମିଳନୀରେ ସ୍ଥାନ ପାଇବ । ୨୦ରୁ ଅଧିକ ଦେଶର ଶକ୍ତିମନ୍ତ୍ରୀ, ୫୦୦ଟି ଫର୍ଚ୍ୟୁନ୍ ଶକ୍ତି କମ୍ପାନୀର ୯୦ ଜଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ତର୍ଜାତୀୟ ସଙ୍ଗଠନର ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗଦେବେ ।

## ଏମ୍.ଇ.ଏ. ବ୍ରିଫିଙ୍ଗ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଦ୍ୱିପାକ୍ଷିକ ବୈଠକ ପାଇଁ ଆସନ୍ତା ରବିବାର ଠାରୁ ଦୁଇ ଦିନିଆ ଚୀନ୍ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ବୈଦେଶିକ ସଚିବ ଶ୍ରୀ ମିଶ୍ରି ତାଙ୍କର ଚୀନ୍ ପ୍ରତିପକ୍ଷଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ୍ ପ୍ରସଙ୍ଗରେ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ କଜାନ୍‌ଠାରେ ହୋଇଥିବା ଆଲୋଚନା ଏହି ପର୍ଯ୍ୟାୟରେ ଆଗକୁ ବଢ଼ିବ ବୋଲି ଆଶା କରାଯାଉଥିବା ଶ୍ରୀ ଜୟସ୍ୱାଲ୍ କହିଛନ୍ତି । ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ମୁଖପାତ୍ର ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ଭାରତ ଓ ବାଂଲାଦେଶ ସୀମାରେ ବାଡ଼ ଲଗାଇବା ପ୍ରସଙ୍ଗରେ ଦୁଇଦେଶ ମଧ୍ୟରେ ଅନେକ ରାଜିନାମା ହୋଇଛି । ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାପାଇଁ ସୀମାରେ ବାଡ଼ ଲଗାଇବା ଜରୁରୀ ବୋଲି ସେ କହିଛନ୍ତି ।

## ଜଳଶକ୍ତି - ଡାଭୋସ୍

ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି, ଭାରତ ଜଳ ସଂରକ୍ଷଣପାଇଁ ସମ୍ପୂର୍ଣ୍ଣ ଅଙ୍ଗୀକାରବଦ୍ଧ ହୋଇଥିବା ସହ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାପାଇଁ କାର୍ଯ୍ୟ କରୁଛି । ଡାଭୋସ୍‌ଠାରେ ୱାର୍ଲଡ଼ ଇକୋନୋମିକ୍ ଫୋରମ୍-୨୦୨୫ରେ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ସମାରୋହରେ ନିଜର ଅଭିଭାଷଣରେ ସେ କହିଛନ୍ତି, ବ୍ୟାପକ ଅଭିଯାନ ମାଧ୍ୟମରେ ଭାରତ ତା'ର ଜଳସମ୍ବଳକୁ ବିକଶିତ କରିପାରିଛି । ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି । ଗତ କିଛିବର୍ଷ ଧରି ଭାରତ ସରକାରଙ୍କ ଉଦ୍ୟମ ବଳରେ ଗ୍ରାମୀଣ କ୍ଷେତ୍ରରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିଥିବା ଶ୍ରୀ ପାଟିଲ୍ କହିଛନ୍ତି ।

## ରାଜନାଥ - ବ୍ଲାଷ୍ଟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମହାରାଷ୍ଟ୍ରର ଭଣ୍ଡାରାସ୍ଥିତ ଗୋଳାବାରୁଦ କାରଖାନାରେ ବିସ୍ଫୋରଣରେ ପ୍ରାଣହାନି ଘଟିଥିବା ମୃତକଙ୍କ ପ୍ରତି ସମବେଦନା

ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ବିସ୍ଫୋରଣ ଘଟଣାପାଇଁ ସେ ମର୍ମାହତ ବୋଲି କହିଛନ୍ତି । ଏଥିରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ସେ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ମୁତୟନ ଅଛନ୍ତି ଏବଂ ଆହତଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯାଉଥିବା ସେ କହିଛନ୍ତି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ମହିଳା ବର୍ଗରେ ରାଞ୍ଚିଠାରେ ସୁର୍‌ମା ହକି କ୍ଲବ୍ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ଚାଲିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦିଲ୍ଲୀ ସୁର୍‌ମା ହକି କ୍ଲବ୍ ୩-୦ ଗୋଲ୍‌ରେ ଆଗୁଆ ରହିଥିଲା ।

ପୁରୁଷ ବର୍ଗରେ ରାଞ୍ଚିଠାରେ ବେଙ୍ଗଲ ଟାଇଗର୍ସ ଏବଂ କଳିଙ୍ଗ ଲାନ୍ସର୍ସ ରାତି ୮ଟା ୧୫ ମିନିଟ୍‌ରେ ପରସ୍ପରକୁ ଭେଟିବେ ।

## ଫୁଟ୍‌ବଲ୍ - ଆଇ.ଏସ୍.ଏଲ୍.

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାରେ ହାଇଦ୍ରାବାଦ ଏଫ୍‌ସି ୩-୨ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି । ଆଉ କିଛି

ସମୟ ପରେ କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଇଷ୍ଟ ବେଙ୍ଗଲ ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ମଧ୍ୟରେ ମୁକାବିଲା ହେବ ।

*****